# Akashvani, Sambalpur

## SAMBALPURI NEWS BULLETIN

### 28 August 2025 - 6.47- 6.52 am.

*******************************************

ନୂଆଖାଇ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ କୃଷିଭିତିକ ଗଣପର୍ବ ନୂଆଖାଇ । ଭୁଦୋ ମାସର୍ ଉଜଲ୍ ପଖର୍ ପଂଚ୍‌ମୀ ତିଥିଥି  ପଶ୍ଚିମ ଓଡ଼ିଶା ନ ଲୁକେ ନିଜର୍ ନିଜର୍ ଇଲାକାର୍ ଦେ ଦେବ୍‌ତାଙ୍କର୍ ରାଶି ଅନ୍‌ସାରେ ଧାରିଜ୍ ଲଗନ୍‌ଥି ଦେ ଦେବ୍‌ତାଙ୍କୁ ନୂଆଁ ଲଗାଲା ଉତ୍‌ରୁ ନିଜର୍ ଘରେ ନୂଆ ଖାଏବେ । ସମ୍ବଲ୍‌ପୁର୍ ନ ଇଷ୍ଟଦେବୀ ମା ସମଲେଇଙ୍କର୍ ଠାନେ ନୂଆ ଲଗାବାର୍‌କେ ସବୁ ପ୍ରକାରର୍ ପ୍ରସ୍ତୁତି ସରିଛେ । ସଖାଲର୍ ୧୦ ବାଜିକରି ୩୩ ମିନିଟ୍‌ନୁ ୧୦ ବାଜିକରି ୫୫ ମିନିଟ୍ ଭିତ୍‌ରେ ମା ସମଲେଇଙ୍କର୍ ଠାନେ ନବାନ୍ନ ଲଗାଯିବା । ସମଲେଇଙ୍କର୍ ନ ନୂଆ ଲାଗ୍‌ଲା ଉତ୍‌ରୁ ଘରେ ଘରେ ନୂଆ ଖାଇସାଏଲା ପରେ ଲୁକେ ଦେ’ ଦେବ୍‌ତାଙ୍କର୍ ଦର୍ଶନ୍ କର୍‌ବାର୍ ସହେତେ ବଡ଼ ସାନ୍ ଯାହାକେ ଯେନ୍‌ତା ମାଏନ୍ ସେ ହିସାବେ ଜୁହାର୍ ଭେଟ୍ ହେବେ । ଉପର୍‌ବେଲା ଗାଁ ସହର୍ ସବୁ ନ ଜୁହାର୍ ଭେଟ୍ କାର୍ଯ୍ୟକ୍ରମ୍ ହେବା ।

ନୂଆଖାଇ ଲାଗି ପଶ୍ଚିମ ଓଡ଼ିଶାର୍ ଗାଁ ନୁ ସହର୍ ହେଇଛେ ଗହଲ୍ ଚହଲ୍ । ବାହାରେ କାମ୍‌ଧାମ୍ ଆର୍ ପାଠ୍ ପଢୁଥିବା ଲୁକେ ନିଜର୍

ପରିବାର୍ ସାଙ୍ଗେ ନୂଆ ଖାଏବାର୍‌କେ ଗଲାକାଏଲ୍‌ନୁ ଘର୍‌ମାନ୍‌କୁ ପୁହୁଁଚି ଯାଇଛନ୍ । ଗଲାକାଏଲ୍ ଜାଗା ଜାଗା ନୂଆଖାଇ ହାଟ୍ ବସିଥିବାର୍ ବେଲେ ଘର୍‌ମାନ୍‌କୁ ନୂଆଖାଇର୍ ସାଜୋ ଜୁଗାଡ଼୍ ହେଇସାରିଛେ । ଗାଁମାନ୍‌କୁ ଝାଁକର୍‌ମାନେ ଲୋକ୍‌ମାନ୍‌କର୍ ଘରେ ନୂଆଧାନ୍ ପୁହୁଁଚେଇଛନ୍ । ସମ୍ବଲ୍‌ପୁର୍ ପାଟଣେଶ୍ୱରୀ ମନ୍ଦିର୍‌କେ ଭିଲ୍ ନୂଆଖାଇ ଲାଗି ଗଲାକାଏଲ୍ ସରିଆ ଧାନ୍ ପୁହୁଁଚିଛେ ।

ଧର୍ମେନ୍ଦ୍ର ପ୍ରଧାନ୍- ସମ୍ବଲପୁର                    ଆର୍‌ଏନ୍‌ୟୁ/ ସମ୍ବଲପୁର

ଚାଷ୍ ଆଉ ଚାଷୀର୍ ଉନ୍ନତି ସମ୍‌କର୍ ଖାଦ୍ୟ ସୁରକ୍ଷା, ବନ୍ଧୁମିଳନ୍ ଆଉ ବଡ଼ ବଡ଼ଖା ମାନ୍‌କୁ ସମ୍ମାନ୍ ଜନାବାର୍ ନୂଆଖାଇ ପରବର୍ ଖାସ୍ ବିଶେଷତ୍ୱ ଆଏ ବଲି ନୂଆଖାଇ ଅବ୍‌ସରେ ଶୁଭେଚ୍ଛା ଜନେଇକରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ନୂଆଖାଇ ଅବ୍‌ସରେ ସମ୍ବଲ୍‌ପୁର୍ ସମଲେଇ ମନ୍ଦିର୍ ନ ଶ୍ରୀ ପ୍ରଧାନ୍ ମା'ଙ୍କର୍ ଦର୍ଶନ୍ କର୍‌ବାର୍ ସହେତେ ଆଏଜ୍ ନବାନ୍ନ ଖାଏବାର୍ କାର୍ଯ୍ୟସୂଚୀ ରହିଛେ । ଇତାର୍‌ଛଡ଼ା ସହରର୍ ଭିନ୍ ଭିନ୍ ଜାଗା ନ ହେବାର୍‌କେ ଥିବା ନୂଆଖାଇ ଭେଟ୍ କାର୍ଯ୍ୟକ୍ରମ୍‌ଥି ଭିଲ୍ ମନ୍ତ୍ରୀ ଶ୍ରୀ ପ୍ରଧାନ୍ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ନୂଆଖାଇ- ସମଲେଇମନ୍ଦିର୍ ସମ୍ବଲପୁର ସମ୍ବାଦଦାତା

ନୂଆଖାଇ ଅବ୍‌ସରେ ଆଏଜ୍ ପହପହ ୫ ବଜେନୁ ସମଲେଇ ମନ୍ଦିର୍ ନ ମାଙ୍କୁ ନୂଆ ବସ୍ତ୍ର ଆଉ ଅଲଙ୍କାର୍‌ଥି ସୁସଜ୍ଜିତ୍ କରାଯାଇଛେ । ତାର୍ ଉତ୍‌ରୁ ମଙ୍ଗଲ୍‌ଆଲ୍‌ତୀ କରାଯାଇଛେ । ଇଥିର୍‌ଲାଗି ସଖାଲ୍‌ବେଲା ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା । ସେନ୍ତା ମନ୍ଦିର୍ ନ ନବାନ୍ନ ଲାଗି ଉତ୍‌ରୁ ମହାଆଲ୍‌ତୀ କରାଯିବା । ମଏଧାନର୍ ସାଢ଼େ ୧୨ ବଜେ ଉତ୍‌ରୁ ଭକ୍ତମାନେ ମା'ଙ୍କର୍ ଦର୍ଶନ୍ କରିପାର୍‌ବେ । ଭକ୍ତମାନ୍‌କର୍ ଲାଗି କାନିକା ଅନ୍ନଭୋଗ ଗେଟ୍ ନମ୍ବର୍ ୪ ପାଶେ ବଁଟାଯିବା ବଲି ମନ୍ଦିର୍ ଟ୍ରଷ୍ଟବୋର୍ଡ଼ ସଭାପତି ସଞ୍ଜୟ ବାବୁ ସୂଚ୍‌ନା ଦେଇଛନ୍ ।

ନୂଆଖାଇ- ବର୍‌ଗଡ଼୍ ବର୍‌ଗଡ଼୍ ସମ୍ବାଦଦାତା

ନୂଆଖାଇ ଲାଗି ବର୍‌ଗଡ଼୍ ଜିଲ୍ଲା ଉତ୍ସବ୍‌ମୁଖର୍ ହେଇଛେ । ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀଙ୍କର୍ ଠାନେ ଧାରିଜ୍ ଲଗନ୍ ଅନ୍‌ସାରେ ସଖାଲର୍ ୧୦ ବାଜିକରି ୨୩ ମିନିଟ୍‌ନୁ ୧୦ ବାଜିକରି ୩୭ ମିନିଟ୍ ଭିତ୍‌ରେ ନବାନ୍ନ ଲଗାଯିବା । ତାର୍ ଉତ୍‌ରୁ ସାଧାରଣ ଲୁକେ ନିଜର୍ ଇଷ୍ଟଦେବାଦେବୀଙ୍କୁ ନୂଆ ଲଗେଇକରି ନୂଆଖାଇ ତିହାର୍ ମାନ୍‌ବେ ।

ନୂଆପଡ଼ା -ନୂଆଖାଇ           ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖରିଆର୍ ରାଜ୍‌ପରିବାର୍ ତର୍‌ଫୁ ଗଡ଼ରକ୍ଷୀ ଦେବୀ ରକ୍ତାମ୍ବରୀ, ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀଙ୍କର୍ ନ ନୂଆଖାଇ ତିହାର୍ ପାଲିତ୍ ହେଇଯାଇଛେ । ସାରା ପଶ୍ଚିମ ଓଡ଼ିଶା ନ ଭୁଦୋ ମାସର୍ ପଂଚମୀ ତିଥି ନ ନୂଆଖାଇ ପାଲିତ୍ ହେଉଥିବାର୍ ବେଲେ ଚତୁର୍ଥୀ ଦିନ ଖଡ଼ିଆଲ୍ ରାଜପରିବାର୍‌ର ଦୁହି ଅଧିଷ୍ଠାତ୍ରୀ ଦେବୀଙ୍କର୍ ନ ନବାନ୍ନ ଲାଗି କରାଯାଇଛେ ।

ଉପମୁଖ୍ୟମନ୍ତ୍ରୀ-ବଲାଙ୍ଗିର୍ ବିଜ୍ଞାନ୍‌ଗାର୍     ଏକ୍ସ

ବଲାଙ୍ଗିର୍ ଜିଲ୍ଲା ପାଟ୍‌ନାଗଡ଼୍ ରମାଇ ଉଚ୍ଚବିଦ୍ୟାଳୟ ନ ବିଜ୍ଞାନ୍ ପ୍ରଯୁକ୍ତିବିଦ୍ୟା ବିଜ୍ଞାନ୍‌ଗାର୍‌କେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଉଦ୍‌ଘାଟନ୍ କରିଛନ୍ । ବିଜ୍ଞାନ୍‌ଗାର୍ ନ ଥିବା ଥ୍ରି ଡି ପ୍ରିଂଟର୍, ଗାଣିତିକ, ବୈଦ୍ୟୁତିକ ସରଞ୍ଜାମ୍ ସବୁ ଛାତ୍ରଛାତ୍ରୀମାନ୍‌କୁ ଉନ୍ନତ୍‌ମାନର୍ ଶିକ୍ଷା ଦେଇପାର୍‌ବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ।

ପୂର୍ବତଟ ରେଲ୍‌ପଥ-ମାଲ୍ ପରିବହନ୍          I&PR

ପୂର୍ବତଟ ରେଲ୍‌ପଥ ଇ ଆର୍ଥିକ୍ ବଛ୍‌ରେ ଖାଲି ଶହେ ୪୮ ଦିନ୍ ଭିତ୍‌ରେ ଶହେ ନିୟୁତ ଟନ୍ ମାଲ୍ ପରିବହନ୍ କରିକରି ମାଇଲ୍‌ଖୁଂଟା ହାସଲ୍ କରିଛେ । ଗଲାବଛର୍ ଇ ସମିଆ ତୁଲ୍‌ନାଥି ଇଥର ୮ ପ୍ରତିଶତ୍ ଅଏତ୍‌କା ମାଲ୍ ପରିବହନ୍ ହେଇଛେ । ସମ୍ବଲ୍‌ପୁର୍ ରେଲ୍‌ମଣ୍ଡଲ୍ ତର୍‌ଫୁ ୧୭ ନିୟୁତ ଟନ୍ ମାଲ୍ ପରିବହନ୍ ହେଇଛେ ।

ଦେବ୍‌ଗଡ଼୍-ଧର୍ମେନ୍ଦ୍ର ପ୍ରଧାନ୍                    ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେବ୍‌ଗଡ୍‌ର ଗଣପର୍ବ ପ୍ରସିଦ୍ଧ ଗଣେଶ୍ ମେଳା ହୋମଯଜ୍ଞ ଆଉ ଭଜନ୍ ସନ୍ଧ୍ୟା ଗଲାକାଏଲ୍ ମୁଲ୍ ହେଇଛେ । ଗଲାକାଏଲ୍ କେନ୍ଦ୍ରଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ମୁଖ୍ୟଅତଥି ଭାବେ ଯୋଗ୍ ଦେଇକରି ୫୬ ଭୋଗ୍ ସହେତେ ସନ୍ଧ୍ୟା ଆଲ୍‌ତୀ କରିଥିଲେ । ଇ ଅବ୍‌ସରେ ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ ଆଉ ଅଲ୍‌ଗା ଅତିଥିମାନେ ଉପସ୍ଥିତ୍ ଥିଲେ ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ଓଡ଼ିଶା ସମୁଦ୍ରଖଁଡ଼ି ଇଲାକା ନ ହେଇଥିବା ଲଘୁଚାପ୍ ପଶ୍ଚିମ ଉତର୍ ପଶ୍ଚିମ ଦିଗ୍‌କେ ଗତିକରି ଆଏବା

କାଏଲ୍‌ତକ୍ ଗଭୀର୍ ଅବପାତ୍ ହେବାର୍ ସମ୍ଭାବନା ଅଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ କଲାହାଣ୍ଡି, ବର୍‌ଗଡ୍, ବଲାଙ୍ଗିର୍ ଆଉ ନୂଆପଡ଼ା ନ ଅତି ଜବର୍ ବର୍ଷାକେ ନେଇକରି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।